# ମାଓବାଦୀଙ୍କର ପୁନଃ ଆକ୍ରମଣ

ତା.୧୩.୦୩.୨୦୧୪

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ମାଓବାଦୀମାନେ ପୁଣି ଆକ୍ରମଣ କରିସାରିଛନ୍ତି । ବହୁ ପୋଲିସ ଏବଂ ସି.ଆର.ପି.ଏଫ ଜବାନମାନେ ତାଙ୍କ ଜୀବନ ଦେଇଛନ୍ତି । ଭାରତର ସୁରକ୍ଷା ପାଇଁ ସେମାନେ ସହୀଦ ହୋଇଛନ୍ତି । ମାଓବାଦୀ ମାନଙ୍କର କାର୍ଯ୍ୟକଳାପ ଭାରତ ପାଇଁ ବିପଦ ଅଟେ । ଏପରି ବହୁତ ଜିଲ୍ଲା ଅଛି ଯେଉଁଠି ମାଓବାଦୀ ମାନଙ୍କର କାର୍ଯ୍ୟକଳାପ ସବୁଠାରୁ ଅଧିକ । ବହୁ ନାଗରିକମାନେ ସେହି କ୍ଷେତ୍ରର ଶୋଷଣର ଶିକାର ହେଉଛନ୍ତି । ପ୍ରଶାସନର କାର୍ଯ୍ୟକଳାପ ମଧ୍ୟ ଶକ୍ତିହୀନ । ଏପରିକି ମାଓବାଦୀମାନେ କର ସଂଗ୍ରହ କରନ୍ତି ଏବଂ ପ୍ରତ୍ୟେକ ଗ୍ରାମରେ ସେମାନଙ୍କର ଯେଉଁ ସ୍ୱେଚ୍ଛାସେବୀମାନେ ଅଛନ୍ତି ତାଙ୍କୁ ମଧ୍ୟ ପ୍ରାପ୍ୟ ଦେଇଥାଆନ୍ତି । ସେମାନେ ସାଧାରଣତଃ ସାମାଜିକ ପରିବର୍ତ୍ତନକାରୀ ନୁହନ୍ତି ବା ଦାରିଦ୍ର୍ୟ ଦୂରିକରଣ ଯୋଜନାର ମଧ୍ୟ ଏକ ଅଂଶ ନୁହନ୍ତି। ଏହା ଏପରି ଏକ ସଂଗ୍ରାମ, ଯାହାର ଲକ୍ଷ୍ୟ ଭାରତର ଗଣତନ୍ତ୍ରକୁ ଏକଛତ୍ରବାଦ ଶାସନରେ ପରିଣତ କରାଇବା । ମାଓବାଦୀ ମାନଙ୍କର ଚିନ୍ତାଧାରାରେ ଗଣତନ୍ତ୍ର ନାହିଁ, ସ୍ୱାଧୀନତା ନାହିଁ କିମ୍ବା ସ୍ୱାଧୀନ ଭାବରେ ବଞ୍ଚିବାର ଜୀବନଶୈଳୀ ମଧ୍ୟ ନାହିଁ ଏବଂ ବାକସ୍ୱାଧୀନତା ମଧ୍ୟ ସେମାନଙ୍କଠାରୁ ବହୁତ ଦୂରରେ । କେବଳ ଏକଛତ୍ରବାଦ ଦ୍ୱାରା ଶାସନ କରିବା ହିଁ ଏମାନଙ୍କର ଲକ୍ଷ୍ୟ ।

ଏ ମାଓବାଦୀଙ୍କୁ ଦମନକରିବା କିପରି ସମ୍ଭବ ?

କେବଳ ଆର୍ଥିକ ପ୍ରଗତୀ ମାଓପ୍ରବଣ ଅଞ୍ଚଳରେ କରାଗଲେ ମାଓବାଦୀ କଅଣ ଦମନ ହୋଇଯିବେ ? ମାଓବାଦୀ ଅଞ୍ଚଳରେ ବିସ୍ଫୋରକ ଦ୍ରବ୍ୟକୁ ପ୍ରଥମେ ଜବତ କରିବା ଆବଶ୍ୟକ ଏବଂ ସମସ୍ତ ପ୍ରକାର ଅସ୍ତ୍ରଶସ୍ତ୍ରର ମହଜୁଦକୁ ନଷ୍ଟ କରିବା ଆବଶ୍ୟକ । ଉକ୍ତ ଅଞ୍ଚଳରେ ଦାଦା ବଟି ଆଦାୟକୁ ସମ୍ପୂର୍ଣ୍ଣ ଭାବରେ ନିଷେଧ କରିବାକୁ ପଡ଼ିବ । ଜିଲ୍ଲା ପ୍ରଶାସକ ଏବଂ ପି.ଡ଼ବଲ୍ୟୁ.ଡ଼ି କଣ୍ଟ୍ରାକ୍ଟରମାନେ ଉକ୍ତ ଅଞ୍ଚଳରେ କିପରି ଭାବରେ ସ୍କୁଲ କଲେଜ ହସ୍ପିଟାଲ ଆଦି ଉନ୍ନତି ମୂଳକ କାର୍ଯ୍ୟ କରିପାରିବେ ସେଥିପାଇଁ ଯତ୍ନଶୀଳ ହେବାକୁ ହେବ ।

ଅସ୍ତ୍ରଶସ୍ତ୍ର ଆସୁଥିବା ବିଭିନ୍ନ ଉତ୍ସକୁ ମଧ୍ୟ ନିଷେଧ କରିବାକୁ ପଡ଼ିବ । ମାଓବାଦୀମାନେ ଏହି ଅସ୍ତ୍ରଶସ୍ତ୍ର ଲୁଟ କରି କିମ୍ବା ସୀମାନ୍ତରୁ ଚୋରା ଚାଲଣ କରି ନିଜ ସ୍ୱାର୍ଥ ସାଧନ କରିଥାଆନ୍ତି । ମାଓବାଦୀମାନେ ବିଶ୍ୱାସ କରନ୍ତି କି ଶତ୍ରୁମାନଙ୍କର ଅସ୍ତ୍ରାଗାର ସେମାନଙ୍କର ଅସ୍ତ୍ରଗାରା ଅଟେ ଓ ରାଜ୍ୟ ବା ରାଜ୍ୟ ପୋଲିସ ହିଁ ତାଙ୍କର ପ୍ରଧାନ ଶତ୍ରୁ ଅଟନ୍ତି ।

ଏପରି କେତେଦିନ ଆଉ ସାଧାରଣ ଜନତା ଏହି ବଳି ବେଦୀରେ ବଳି ପଡୁଥିବେ ? ଆମେ କଅଣ ଜନତାଙ୍କର ଉନ୍ନତି ପାଇଁ ହୋଇଥିବା କୋଠା ଘର ବିଦ୍ୟାଳୟ ଆଦି ସେମାନେ ଅବାଧରେ ଧ୍ୱଂସ କରୁଥିବାର ଦେଖି ମୂକସାକ୍ଷୀ ସାଜିଥିବା ? ଆମେମାନେ ସ୍ଥିର ନିଶ୍ଚିତ ହେବା ଦରକାର ପ୍ରାକୃତିକ ସମ୍ପଦ ଉପରେ ଆମର ଜନଜାତି ମାନଙ୍କର ପ୍ରଥମ ଅଧିକାର ରହିଅଛି । ଆମକୁ ପ୍ରଥମେ ରାଜ୍ୟର ଜନଜାତିକୁ ଏହି ମାଓବାଦୀଙ୍କଠାରୁ ପୃଥକ କରିବାକୁ ହେବ । ମାଓବାଦ ବିରୋଧରେ ଯୁଦ୍ଧ ପାଇଁ ଆମ ଦେଶକୁ ଏହାର ସାମ୍ନା କରିବାକୁ ହେବ ଏବଂ ଏହି ଯୁଦ୍ଧକୁ ଅଧା ଅଧୁରା ନଛାଡ଼ି ଏହାର ପରିସମାପ୍ତି କରିବାକୁ ହେବ । ତେବେ ଯାଇଁ ଏ ଦେଶର ଜନତା ଶାନ୍ତିର ନିଃଶ୍ୱାସ ନେଇପାରିବେ ।